ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

ସୂଚନା ଓ ଲୋକସଂପର୍କ ବିଭାଗର ସାମ୍ବାଦିକ ସମ୍ମିଳନୀ

# ପ୍ରେସ୍ ବିଜ୍ଞପ୍ତି

ଭୁବନେଶ୍ୱର : ୨୧ ମାର୍ଚ୍ଚ,୨୦୨୦

କରୋନା ଭୂତାଣୁ ରୋଗ (କୋଭିଡ୍-୧୯) ସଂପର୍କରେ ସତର୍କତା ଏବଂ ସଚେତନତା ତଥା ରାଜ୍ୟ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଆଜି ଅପରାହ୍ଣରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ COVID-19 ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ଶ୍ରୀ ସୁବ୍ରତ ବାଗ୍‌ଚୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

- କୋଭିଡ୍-୧୯ର ବ୍ୟାପକତାକୁ ଦେଖି ଆଜି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଏହି ଅସାଧାରଣ ପରିସ୍ଥିତିର ମୁକାବିଲା ପାଇଁ ଆହ୍ୱାନ ଦେଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହି ପରିସ୍ଥିତିର ମୁକାବିଲା ପାଇଁ ଆସନ୍ତା ୨୨ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲା ଯଥା **ଖୋର୍ଦ୍ଧା, କଟକ, ଗଞ୍ଜାମ, କେନ୍ଦ୍ରାପଡ଼ା, ଅନୁଗୋଳ** ଏବଂ ଏହା ସହିତ ୮ଟି ସହର ଯଥା **ପୁରୀ, ରାଉରକେଲା, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ଯାଜପୁର ରୋଡ଼, ଯାଜପୁର ଟାଉନ୍** ଏବଂ **ଭଦ୍ରକ**ରେ ସଂପୂର୍ଣ୍ଣ ତାଲାବନ୍ଦ(ଲକ୍ ଡାଉନ୍) କାର୍ଯ୍ୟକାରୀ ହେବ । ଏହି ସମୟରେ ଏହି ସବୁ ସ୍ଥାନର ଜନସାଧାରଣ ନିଜ ନିଜ ଘରେ ରହିବେ ଏବଂ କେବଳ ଅତି ଜରୁରୀ ଆବଶ୍ୟକତାରେ ବାହାରକୁ ବାହାରିବେ । ଉକ୍ତ ସମୟ ମଧ୍ୟରେ ଔଷଧ ଦୋକାନ, ତେଜରାତି, ପରିବା, ମାଛ-ମାଂସ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସହିତ ଡାକ୍ତରଖାନା, ବ୍ୟାଙ୍କ, ଏଟିଏମ୍, ପେଟ୍ରୋଲ୍ ପମ୍ପ ଆଦି ଖୋଲା ରହିବ । ପ୍ରଶାସନ, ପୋଲିସ୍, ସ୍ୱାସ୍ଥ୍ୟ, ଅଗ୍ନିଶମ, ଓଡ୍ରାଫ୍, ବିଜୁଳି, ପାନୀୟ ଜଳ ଓ ପୌରାଞ୍ଚଳ ସେବା ଜାରି ରହିବ ।' ଏହାର ଉଲ୍ଲଂଘନକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏହି ସମୟରେ ଜନସାଧାରଣ ଧୈର୍ଯ୍ୟର ସହ ସରକାରଙ୍କ ପଦକ୍ଷେପରେ ସହଯୋଗ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

- ମହାମାରୀ ରୋଗ ଆଇନ-୧୮୯୭ର ଧାରା-୨ ଏବଂ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ନିୟମାବଳୀର ବିଧି-୧୭ ଅନୁସାରେ ଓଡ଼ିଶା ସରକାର କୋଭିଡ୍-୧୯ ସଂପର୍କିତ ମାର୍ଗଦର୍ଶିକା ଜାରି କରିଛନ୍ତି ।

  ଏହି ନିୟମାନୁସାରେ:

  - ଆକ୍ରାନ୍ତ ବ୍ୟକ୍ତି, ତାଙ୍କର ଆତ୍ମୀୟ, ଚିକିତ୍ସା କରୁଥିବା ଡାକ୍ତର, ସହଯୋଗୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ଦୃଷ୍ଟିରୁ ସେମାନଙ୍କ ସଂପର୍କିତ ତଥ୍ୟ ଗୋପନ ରଖାଯିବ ।
  - କୌଣସି ଗଣମାଧ୍ୟମ କୋଭିଡ୍-୧୯ରେ ସଂକ୍ରମିତ/ଆକ୍ରାନ୍ତ ବ୍ୟକ୍ତି, ତାଙ୍କର ସଂପର୍କୀୟ/ଆତ୍ମୀୟ, ଚିକିତ୍ସକ, ସହଯୋଗୀ ସ୍ୱାସ୍ଥ୍ୟକର୍ମଚାରୀଙ୍କ ଠିକଣା ପ୍ରକାଶ କରିପାରିବେ ନାହିଁ । ସେହିପରି କୌଣସି

ରୋଗୀ, ତାଙ୍କର ପିତାମାତା, ଆତ୍ମୀୟ, ଚିକିତ୍ସକ, ସହଯୋଗୀ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସାକ୍ଷାତକାର ନେଇପାରିବେ ନାହିଁ ।

- ଏହାର ଉଲ୍ଲଂଘନକୁ ଦଣ୍ଡନୀୟ ଅପରାଧ ଭାବରେ ବିବେଚନା କରାଯିବ । ଏହା ପ୍ରିଣ୍ଟ/ଇଲେକ୍‌ଟ୍ରୋନିକ୍ସ/ୱେବ୍/ସୋସିଆଲ୍ ମିଡ଼ିଆ ପ୍ରତି ଲାଗୁ ହେବ ।

➢ ଆଜି ଦିନ ୧୨ଟା ସୁଦ୍ଧା ଓଡ଼ିଶାରେ ୭୦ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ସେଥିରୁ ୬୯ଟି ରିପୋର୍ଟ ହସ୍ତଗତ ହୋଇଛି । ସେଥିରୁ ୨ଟି ପଜିଟିଭ୍ ଚିହ୍ନଟ ହୋଇଛି । ଗୋଟିଏ ରିପୋର୍ଟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

➢ ଓଡ଼ିଶାରେ ସଂକ୍ରମଣ ଚିହ୍ନଟ ହୋଇଥିବା ୨ ଜଣଙ୍କ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ।

➢ ରୋଗୀଙ୍କ ସଂସ୍ପର୍ଶରେ ବର୍ତ୍ତମାନ ସୁଦ୍ଧା ୫୬ ଜଣ ଆସିଥିବା ତଥ୍ୟ ମିଳିଛି । ସେମାନଙ୍କ ମଧ୍ୟରୁ ୫୩ ଜଣଙ୍କ ସହ ଯୋଗାଯୋଗ ହୋଇଛି । ଅନ୍ୟ ୩ ଜଣଙ୍କ ସହ ଯୋଗାଯୋଗ ପାଇଁ ପ୍ରଚେଷ୍ଟା ଚାଲିଛି ।

➢ ୯ଟି ମନିଟରିଂ ଟିମ୍ ଏଥି ପାଇଁ କାର୍ଯ୍ୟ କରୁଛନ୍ତି ।

➢ ବର୍ତ୍ତମାନ ସୁଦ୍ଧା ୩୨୩୬ ଜଣ ପଞ୍ଜୀକରଣ କରିଛନ୍ତି ।

➢ କୋଭିଡ୍-୧୯ରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୨୩ ଜଣଙ୍କୁ ଡାକ୍ତରଖାନାରେ ଆଇସୋଲେସନ୍‌ରେ ରଖାଯାଇଛି ।

➢ କୋଭିଡ୍-୧୯ ସ୍ଥିତିରେ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଧିକ ୫ ଲକ୍ଷ ଗରିବ, ଦୁସ୍ଥ ଓ ବଞ୍ଚିତ ହିତାଧିକାରୀଙ୍କୁ ସାମିଲ କରି ଖାଦ୍ୟ ନିରାପତ୍ତା ଯୋଗାଇ ଦେବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ଏହି ହିତାଧିକାରୀମାନେ ମାସିକ କିଲୋଗ୍ରାମ ପ୍ରତି ୧ ଟଙ୍କା ମୂଲ୍ୟରେ ମୁଣ୍ଡପିଛା ୫ କିଲୋଗ୍ରାମ ଲେଖାଏଁ ଚାଉଳ ପାଇବେ । ଆସନ୍ତା ତିନିମାସ ଅପ୍ରେଲ, ମଇ ଓ ଜୁନ୍ ନିମନ୍ତେ ଆସନ୍ତା ମାର୍ଚ୍ଚ ୨୪ ତାରିଖଠାରୁ ହିତାଧିକାରୀମାନଙ୍କୁ ବଣ୍ଟନ କରାଯିବ ।

➢ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ଛାତ୍ରାବାସ ବନ୍ଦ ରହିବ । କିନ୍ତୁ ଯେ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ପିତାମାତା ବା ଅଭିଭାବକମାନେ ସେମାନଙ୍କୁ ଛାତ୍ରାବାସରୁ ନେଇ ନାହାନ୍ତି, ସେ ପର୍ଯ୍ୟନ୍ତ ସେମାନେ ଛାତ୍ରାବାସରେ ରହିପାରିବେ ।

➢ ମଧ୍ୟାହ୍ନ ଭୋଜନ ବାବଦକୁ ଛାତ୍ରଛାତ୍ରୀମାନଙ୍କୁ ଏକକାଳୀନ ଆଗୁଆ ୩ ମାସର ଶୁଖିଲା ରାସନ୍ ଦିଆଯିବ । ପ୍ରଧାନ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କୁ କୁପନ୍ ଦେବେ । ଏହି କୁପନକୁ ଦେଖାଇ ସେମାନେ ସ୍କୁଲ ଅନୁବନ୍ଧିତ ହୋଇଥିବା ନିକଟସ୍ଥ ସାଧାରଣ ବଣ୍ଟନ କେନ୍ଦ୍ରରୁ ଏହି ଆଗୁଆ ରାସନ୍ ଉଠାଇ ପାରିବେ । ଏଥିପାଇଁ ସଂପୃକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

➢ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଓ ଥେରାପି ସେଣ୍ଟରର ହଷ୍ଟେଲ୍‌ଗୁଡ଼ିକୁ ଆସନ୍ତା ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି । ପ୍ରତି ଅନ୍ତେବାସୀଙ୍କୁ ମାସିକ ୧୨୦୦ ଟଙ୍କା ହିସାବରେ ତିନିମାସ ନିମନ୍ତେ ଖାଦ୍ୟପେୟ ଓ ଅନ୍ୟାନ୍ୟ ବାବଦକୁ ସହାୟତା ଅଗ୍ରୀମ ପ୍ରଦାନ କରାଯିବ । ଏହା ବ୍ୟତୀତ, ଅନ୍ତେବସୀଙ୍କୁ ଜଣେ ସହଯୋଗୀ/ସାହାଯ୍ୟକାରୀଙ୍କ ସହିତ ଘରକୁ ଫେରିବା ସକାଶେ ଯାତାୟତ ଖର୍ଚ୍ଚ ବାବଦକୁ ସର୍ବୋଚ୍ଚ ୫୦୦ ଟଙ୍କା ପ୍ରଦାନ କରାଯିବ ।

- ଗ୍ରାମାଞ୍ଚଳରେ କୋଭିଡ୍‌-୧୯ ସଂପର୍କିତ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ୧୯ ତାରିଖରୁ ଆରମ୍ଭ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ସଚେତନତା ବୈଠକର ତୃତୀୟ ଦିନରେ ଆଜି ରାଜ୍ୟରେ ଜିଲ୍ଲା ପରିଷଦ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି ।
- ପୌରାଞ୍ଚଳ ତରଫରୁ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ନିମନ୍ତେ ସ୍ୱଚ୍ଛସାଥିମାନଙ୍କୁ ସଚେତନତା କାର୍ଯ୍ୟକ୍ରମର ଦାୟିତ୍ୱ ଅର୍ପଣ କରାଯାଇଛି ।

ସୁଚେତା ପ୍ରିୟଦର୍ଶିନୀ
ପଠାଣି ରାଉତ
ସୂଚନା ଅଧିକାରୀ